ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଡିସେମ୍ବର, ୨୦୨୧



**ସମ୍ଭାବ୍ୟ ବାତ୍ୟା ଲାଗି ପ୍ରଶାସନ ପ୍ରସ୍ତୁତ**

**ଧର୍ମଶାଳା,(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଗୁରୁବାର ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗ ଦେଇ ସମୀକ୍ଷା କରିଥିଲେ। ଶୁକ୍ରବାର ଚାଷୀ ସେମାନଙ୍କ ଅମଳଯୋଗ୍ୟ ଧାନକୁ କାଟି ଆଣିବା ସହ ସୁରକ୍ଷିତ ସ୍ଥାନରେ ରଖିବାକୁ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇ ସଚେତନ ସୃଷ୍ଟି କରାଯିବ। ବର୍ଷା ଓ ପବନର ବେଗ ବଢ଼ିଲେ ତଳିଆ ଅଞ୍ଚଳ ତଥା କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲି ଆସିବାକୁ କୁହାଯାଇଛି। ଅଧିକାରୀ ଓ କର୍ମଚାରୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତ ଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗଣ୍ଡଗୋଳ କରି ୩ ଗିରଫ

**ଚଣ୍ଡିଖୋଲ,୨।୧୨(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ବଜାରରେ ଅତ୍ୟଧିକ ମଦ୍ୟପାନ କରି ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ବାଲିଚନ୍ଦ୍ରପୁର ଥାନା ମହାଦେଇପୁର ଗ୍ରାମର ଅମର ପ୍ରସାଦ ସିଂହ(୨୦), ବିକାଶ ସିଂହ(୨୧) ଓ ସାଗର ସିଂହ (୨୦)। ପୋଲିସ ସୂଚନା ମୁତାବକ, ଏହି ୩ ଯୁବକ ଏକ ବାଇକ୍ ଯୋଗେ ବୁଧବାର ସନ୍ଧ୍ୟାରେ ବଜାରକୁ ଆସିଥିଲେ। ମାତାଲ ଅବସ୍ଥାରେ ବଜାର ମଧ୍ୟରେ ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମର ଅଶୋକ ସାହୁଙ୍କୁ ଧକ୍କାଦେଇ ଗଣ୍ଡଗୋଳ କରିଥିଲେ। ତେବେ ଅଶୋକ ପଡ଼ିଯାଇ ଆହତ ହୋଇଥିବା ବେଳେ ଯୁବକମାନେ ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ମାଗିଥିଲେ। ଏହା ଦେଖି ଘଟଣାସ୍ଥଳରେ ବ୍ୟବସାୟୀମାନେ ରୁଣ୍ଡ ହୋଇ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକମାନଙ୍କୁ ଥାନାକୁ ନେଇଥିଲା। ଥାନାରେ ମଧ୍ୟ ସମ୍ପୃକ୍ତ ଯୁବକମାନେ ହୋହଲ୍ଲା କରିଥିଲେ। ଘଟଣା ସମ୍ପର୍କରେ ଅଶୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୩୭୮/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### ବିଜ୍ଞାନ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବି

#### ପ୍ରାଣକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ନାଉଗାଁ,୨।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗାରୋଇସ୍ଥିତ ପ୍ରାଣକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଅକ୍ଷୟ କୁମାର ରାଉତଙ୍କ ବଦଳିକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କ ବଦଳି ପ୍ରତ୍ୟାହାର ପାଇଁ ବୁଧବାର ବିଇଓଙ୍କ ନିକଟରେ ଦାବି କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ବିଦ୍ୟାଳୟରେ ୭ ଜଣ ଶିକ୍ଷକ ଥିବାବେଳେ ଅକ୍ଷୟ ପିଲାମାନଙ୍କୁ ବିଜ୍ଞାନ ଓ ଗଣିତ ପଢ଼ାଇଥାନ୍ତି। ତାଙ୍କ ବଦଳି ହୋଇଗଲେ ଛାତ୍ରୀଛାତ୍ରମାନେ ଏହି ବିଷୟ ପଢ଼ାରୁ ବଞ୍ଚିତ ହେବେ। ଏହାକୁ ଦୃଷ୍ଟିରେ ରଖି ବଦଳି ବାତିଲ କରିବାକୁ ପରିଚାଳନା କମିଟିର ସଭାପତି ଶିବ ପ୍ରସାଦ ପରିଡା, ଗଣେଶ୍ୱର ମହାନ୍ତି, ବିଜୟ ବିଶ୍ୱାଳ, ବେଣୁଧର ମଲିକ, ଉପେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ମନୋରମା ରାଉତ କୁହନ୍ତି, ଅଭିଯୋଗ ମିଳିଛି। ବିଚାର କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ବିଜେଡିର ମିଶ୍ରଣ ପର୍ବ

**ରାଜକନିକା,୨।୧୨(ଡି.ଏନ୍.ଏ.):** ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ପଣସଗଣ୍ଡ ୧ ନଂ. ବୁଥରୁ ବୁଧବାର ବିଜେଡିର ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏଥିରେ ଆଳି ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ଉପସ୍ଥିତିରେ ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମଲିକଙ୍କ ବୋହୂ ସୁମିତ୍ରା, ପୁଅ ଅନିଲ, ରତ୍ନାକର ମଲିକ, ଚକ୍ରଧର ମଲିକ, ରଜନୀ ଜେନା, ବଳରାମ ମଲିକ, ଅଲେଖ ମଲିକ ଓ ଅଜାମ୍ବର ମଲିକ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ। ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ରାଜକନିକା ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଅୟସ ସାମଲ, କେନ୍ଦ୍ରାପଡ଼ା ଜିଲା ବିଜେଡି ସମ୍ପାଦକ ସାରଙ୍ଗଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧିତ ହେଲେ ୨ ଶିକ୍ଷକ

**ଆଳି,୨।୧୨(ଡି.ଏମ୍.ଏ.):** ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ପୂର୍ବତନ ହିନ୍ଦି ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଓ ମହମ୍ମଦ ହସିମୁଦ୍ଦିନ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବନମାଳୀ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ତାଙ୍କ ଶିକ୍ଷକତା ସମୟରେ ବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବ୍ଲକର ବିଆରସିସି ପାବନୀ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉଦକର ସାମଲ ଯୋଗଦେଇ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଓ ଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ମାନସ କୁମାର ମହାନ୍ତି, ପ୍ରମୋଦ କୁମାର ମଲ୍ଲିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନ-ଅଭିଯୋଗକାରୀଙ୍କ ଆଲୋଚନା, ୨୦ ସୁଦ୍ଧା ଫଳ

**ଖରସ୍ରୋତା ନଦୀ ପାଣି ବିବାଦ ପିଆଇଏଲ୍ ମାମଲା**

- ଜୀବନ, ଜୀବିକା ଓ ଭିତରକନିକା ମୁଖ୍ୟ ପ୍ରସଙ୍ଗ
- ପବନ, ପାଣି ପରେ ପରିବେଶ କଥା ସଚିବ କହିଲେ

**କେନ୍ଦ୍ରାପଡ଼ା ଅଫିସ, ୨।୧୨**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦରେ ହାଇକୋର୍ଟ ହସ୍ତକ୍ଷେପ ପରେ ପ୍ରଥମଥର ପାଇଁ ରାଜ୍ୟ ପ୍ରଶାସନ ଓ ଅଭିଯୋଗକାରୀଙ୍କ ମଧ୍ୟରେ ଗୁରୁବାର ଆଲୋଚନା ହୋଇଛି। ଅଭିଯୋଗକାରୀ ରାଜକନିକା ବ୍ଲକ ବଡରାଜାର ସୁକାନ୍ତ କୁମାର ଦାସ ସ୍ଥାନୀୟ ଅଞ୍ଚଳର ଜୀବନ, ଜୀବିକା ଓ ଭିତରକନିକା ଜୈବ ବିବିଧତା ସୁରକ୍ଷାକୁ ପ୍ରସଙ୍ଗ କରିଥିଲେ। ଅପରପକ୍ଷରେ ରାଜ୍ୟ ପ୍ରଶାସନ ସାଧାରଣ ଜନତାଙ୍କ ପାଇଁ ପବନ, ପଇବା ପାଣି ପରେ ପରିବେଶ କଥା ଚିନ୍ତା କରାଯାଇ ପାରେ ବୋଲି ଯୁକ୍ତି ବାଢ଼ିଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଏହି ଆଲୋଚନାର ଫଳାଫଳ ଆସନ୍ତା ୨୦ ତାରିଖ ସୁଦ୍ଧା ଜଣାପଡିବ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯାଇ ଭଦ୍ରକ ଜିଲାର ୪ ବ୍ଲକ ଓ ୩ ଏନ୍ଏସିକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ମେଗା ପାନୀୟ ଜଳ ପ୍ରକଳ୍ପ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟଠାରେ ନିର୍ମାଣ କରୁଛନ୍ତି। ତେବେ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଚାଷ, ପିଇବା ପାଣି, ମତ୍ସ୍ୟଜୀବୀଙ୍କ କ୍ଷତି ହେବା ସହ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବ। ଏଥିସହ ପ୍ରକଳ୍ପର ଦୁଇ ସ୍ଥାନ ବରୁଣାଡିହା ଓ ନୂଆହାଟ ଭିତରକନିକା ଇକୋ ସେନ୍ସିଟିଭ ଜୋନ ଅଧୀନରେ ଅଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଏ ନେଇ ସହମତି ହେବା କଥା। ଏ ନେଇ ଜନସଭା ହୋଇ ନ ଥିବା ବେଳେ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ଜଣେ ବ୍ୟକ୍ତିଙ୍କ ଜମି ଉପରେ ରହିଥିବା ନେଇ ସୁକାନ୍ତ ହାଇକୋର୍ଟରେ ଏକ ପିଆଇଏଲ (ନଂ.୨୬୫୧୪/୨୧) କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚରପତି ଓ ଜଷ୍ଟିସ ବି.ପି. ରାୟ ଗତ ସେପ୍ଟେମ୍ବର ୧୭ରେ ଏହାର ଶୁଣାଣି କରିଥିଲେ। ଏଥିରେ ଅଭିଯୋଗକାରୀଙ୍କ ଆପତ୍ତି ସମ୍ପର୍କରେ ଆଲୋଚନା ପାଇଁ ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ଭୁବନେଶ୍ୱରସ୍ଥ ବିଭାଗୀୟ ଦପ୍ତରରେ ପ୍ରମୁଖ ସଚିବ ଅଶୋକ ମୀନା, ପାନୀୟ ଜଳ ଯୋଗାଣ ନିର୍ଦ୍ଦେଶକ ତଥା ସହକାରୀ ସଚିବ ପରମେଶ୍ୱରନ ବି. ଓ ପିସିସିଏଫ୍‌ର ବରିଷ୍ଠ ଅଧିକାରୀ ରାଜ୍ୟ ପ୍ରଶାସନ ପକ୍ଷରୁ ଆଲୋଚନା ପାଇଁ ଉପସ୍ଥିତ ଥିବାବେଳେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାପାଳଙ୍କ ସହ ଠିକା ସଂସ୍ଥାର କୌଣସି ଅଧିକାରୀ ନ ଥିଲେ। ସୁକାନ୍ତ ଓ ଆଇନଜୀବୀ ବୃନ୍ଦାବନ ରାଉତ ଏହି ପ୍ରକଳ୍ପରେ ଥିବା ବହୁ ଅନିୟମିତତାକୁ ଆଗକୁ ଆଣିଥିଲେ। ସେମାନେ ଦର୍ଶାଇଥିଲେ, ପ୍ରକଳ୍ପ ପାଇଁ ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତକର୍ତ୍ତା ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧର ଅନୁଧ୍ୟାନ ପାଇଁ ନିଜେ କିମ୍ବା ଅନ୍ୟ କାହାଦ୍ୱାରା ତଦନ୍ତ କରାଇ ନ ଥିବା ରାଜକନିକାର ରାକେଶ ମହାନ୍ତି ଓ ସୂଚନା ଅଧିକାର କର୍ମୀ ମାର୍ଶାଘାଇ ବ୍ଲକ ତାଳସଙ୍ଗାର ପ୍ରତାପ କୁମାର ମହାନ୍ତିଙ୍କୁ ଜଣାଇଛନ୍ତି। ଏଥିସହ ଅଣମୌସୁମୀ ସମୟରେ ଖରସ୍ରୋତାର ପାଣି ସ୍ରୋତ ପ୍ରାୟ ୮୫ ପ୍ରତିଶତ କମି ଯାଉଛି। ଏଠାରୁ ପାଣି ଉଠାଗଲେ ଏହାର ପ୍ରଭାବ ତଳମୁଣ୍ଡରେ ପଡିବ, ପର୍ଯ୍ୟାପ୍ତ ପରିମାଣରେ ପାଣି ନ ଯିବା ସମ୍ଭାବନା ଥିବାରୁ ଭିତରକନିକା ଜୈବ ବିବିଧତା ନଷ୍ଟ ହେବ ବୋଲି ଦର୍ଶାଇ ଥିଲେ। ସେହିପରି ଖରସ୍ରୋତା ନଦୀରୁ ଉଠାଯିବାକୁ ଥିବା ପାଣି ପରିମାଣ, ଓଡ଼ିଶାର ଏକମାତ୍ର ଜଳସଙ୍କଟରେ ଥିବା କେନ୍ଦ୍ରାପଡ଼ା ଜିଲାରୁ ପାଣି ଉଠାଇବା, ବ୍ୟକ୍ତିଗତ ଜମିରେ ରାଜ୍ୟ ସରକାରଙ୍କ ପ୍ରକଳ୍ପ, ସ୍ଥାନୀୟ ଅଞ୍ଚଳରେ ପ୍ରକଳ୍ପ ପୂର୍ବରୁ ଜନସଭା ନ ହେବା, ପରିବେଶ ଓ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଥିବା ବିଭିନ୍ନ ଗାଇଡ ଲାଇନ ଓ ଆଇନ ଆଦିକୁ ଉଲ୍ଲଂଘନ କରିବା ଆଦିକୁ ପ୍ରସଙ୍ଗ କରିଥିଲେ। ସୂଚନାଯୋଗ୍ୟ, ଖରସ୍ରୋତା ପାଣି ବିବାଦକୁ ନେଇ ଦୁଇବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଜାରି ରହିଛି।

## ନିର୍ବାଚନ ପାଇଁ କଂଗ୍ରେସର କର୍ମୀ ସମ୍ମିଳନୀ



ଆଳି ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତାମାନେ।

**ଆଳି,୨।୧୨(ଡି. ଏନ. ଏ. )**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ସଜବାଜ ହେବାରେ ଲାଗିଛନ୍ତି। ଏହି ଅବସରରେ ଆଳି ନିର୍ବାଚନ ମଣ୍ଡଳୀର ୩ ରାଜନୈତିକ ଦଳ ମଧ୍ୟ ନିର୍ବାଚନ ନିମନ୍ତେ ଅଣ୍ଟା ଭିଡିଲେଣି। ଏହି ପରିପ୍ରେକ୍ଷୀରେ ବୁଧବାର ଆଳି ବ୍ଲକ କଂଗ୍ରେସ ପକ୍ଷରୁ ଅରେହିକଣା ପଞ୍ଚାୟତର କୁମ୍ଭାରଟଙ୍କା ନୃସିଂହ ମଠ ପରିସରରେ କର୍ମୀ ସମ୍ମିଳନୀ କରାଯାଇଥିଲା। ଏଥିରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସତ୍ୟାନନ୍ଦ ରାଉତ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଦଳ କିପରି ସଫଳତା ପାଇବ ସେ ନେଇ ନିଜ ନିଜର ମତାମତ ଦେଇଥିଲେ। ତେବେ କଂଗ୍ରେସ ପକ୍ଷରୁ ୩ ନମ୍ବର ଜୋନ୍‌ର ଜିଲା ପରିଷଦ ପାଇଁ ବନସ୍ୱିନୀ ସାମଲଙ୍କ ନାମ ଚୟନ କାରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜମୋହନ ସ୍ୱାଇଁ, ଦର୍ପନାରାୟଣ ସାହୁ, ନକୁଳ ପରିଡା, ନୀଳମଣି ସେଠୀ, କୈବଲ୍ୟ ମଲ୍ଲିକ, ଜଗନ୍ନାଥ ରାଉତ, ଆଶିଷ ସାହୁ, କାଳିଆ ମହାନ୍ତି, ଦିଗାମ୍ବର ଦାଶ, ଆଲୋକ ସେଠୀ, ଆଦିକନ୍ଦ ମଲିକ, ଧର୍ମପଦ ସାମଲ, ଅକ୍ଷୟ ଦାସ, ବସନ୍ତ ସାହୁ, ସଞ୍ଜୀବ ବାରିକଙ୍କ ସମେତ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ସାଧାରଣ ଜନତାଙ୍କ ପ୍ରତିଶ୍ରୁତିରେ ଭାଙ୍ଗିଲେ ଅନଶନ

**ପୂର୍ବତନ ଅଧ୍ୟକ୍ଷଙ୍କ ଆମରଣ ଅନଶନ ଘଟଣା**

**ବାଲିକୁଦା, ୨।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବୁଧବାରଠାରୁ କଲେଜର ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ ନାୟକ ଆମରଣ ଅନଶନରେ ବସିଥିଲେ। ଅଧ୍ୟକ୍ଷ ପଦବୀରେ ଜାଲ ନିଯୁକ୍ତି, ପରିଚାଳନା କମିଟିର ବେଆଇନ କାର୍ଯ୍ୟଧାରା ଓ ଉନ୍ନୟନ କାର୍ଯ୍ୟ ନାଁରେ କଲେଜର ଅର୍ଥ ହରିଲୁଟ ପ୍ରତିବାଦରେ ସେ ଅନଶନ କରିଥିଲେ। ଗୁରୁବାର ବ୍ଲକ ଉପାଧ୍ୟକ୍ଷ ରାଖାଲ ଦାସ, ସୁପ୍ରିମ୍‌କୋର୍ଟ ଆଇନଜୀବୀ ଡ. ସୁଶାନ୍ତ କାନୁନ୍‌ଗୋ, ଆଇନଜୀବୀ ଯୁଗୋଳ ମହାନ୍ତି, ଅମୀୟ ସାହୁ, ଅବିନାଶ ସାହୁ, ଦିଲୀପ ଜେନା, ଶିକ୍ଷାବିତ୍ ନିତ୍ୟାନନ୍ଦ ଦଳାଇ, ବାମଦେବ ପଲାଉରୀ ପ୍ରମୁଖ ଅନଶନସ୍ଥଳରେ ପହଞ୍ଚି ତାଙ୍କୁ ବୁଝାସୁଝା କରିଥିଲେ। ଏଥିସହ ଅଭିଯୋଗର ବିଚାର ୮ ଦିନ ମଧ୍ୟରେ କରିବାକୁ ସ୍ଥିର କରାଯିବା ପରେ ନାୟକ ଆନ୍ଦୋଳନରୁ ହଟିଥିଲେ। ଠିକ୍ ଭାବେ ବିଚାର କରା ନ ଗଲେ ସେ ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଅନଶନରତ ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ ନାୟକଙ୍କୁ ଲୋକେ ବୁଝାସୁଝା କରୁଛନ୍ତି।

ଅପରପକ୍ଷେ ନାୟକଙ୍କ ପାଖରେ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ନାୟକଙ୍କ ଅଭିଯୋଗ ମୁତାବକ, ସେ ଏହି କଲେଜରେ ୧୯୯୧/୯୨ଠାରୁ ଅଧ୍ୟକ୍ଷ ପଦବୀରେ ଥିଲେ। ଏହି ସମୟରେ ସେ କଲେଜ ଆକାଉଣ୍ଟରେ ୧୪ ଲକ୍ଷରୁ ବେଶି ଟଙ୍କା ରଖିଥିଲେ, ଯାହାକୁ ଏବେ ଅଯଥାରେ ଖର୍ଚ୍ଚ କରାଯାଉଛି। ସେହିପରି ନାୟକ ୨୦୧୫ରେ ଅବସର ନେଇଥିଲେ। ପରେ ପରିଚାଳନା ପରିଷଦ ସୁପାରିସକ୍ରମେ ଅଧ୍ୟକ୍ଷ ଦାୟିତ୍ୱରେ ରହିବାକୁ ପରାମର୍ଶ ଦିଆଯାଇଥିଲା, ଯାହା ରେଗୁଲେଶନ ମାଧ୍ୟମରେ କରାଯାଇଥିଲା। ପରେ ମାତ୍ର ୬ ଜଣ ସଦସ୍ୟଙ୍କ ଦସ୍ତଖତ ଥାଇ ଏକ ରେଗୁଲେଶନ କରାଯାଇ ବିନା ନୋଟିସ୍‌ରେ ତାଙ୍କୁ ବିଦା କରି ଦିଆଯାଇଥିଲା। ତାଙ୍କ ସ୍ଥାନରେ ଜଣେ କନିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରି ଦିଆଯାଇଥିଲା। ଏସବୁ ଅଭିଯୋଗର ତଦନ୍ତ କରିବା ଦାବିରେ ନାୟକ ଅନଶନରେ ବସିଥିଲେ।

## ୩ୟ ସ୍ଥାନରେ ଯାଜପୁର ମହିଳା ଦଳ

**ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା**

**ରସୁଲପୁର,୨।୧୨(ଡି.ଏନ.ଏ.)**

ଓଡ଼ିଶା କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ୬୯ତମ ରାଜ୍ୟସ୍ତରୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ସୁନ୍ଦରଗଡ଼ ଜିଲା ଷ୍ଟାଡିୟମଠାରେ ନଭେମ୍ବର ୨୬ରୁ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ମହିଳା କବାଡ଼ି ଦଳ ୩ୟ ସ୍ଥାନରେ ରହିଛି। ପୁରସ୍କାର ସ୍ୱରୂପ ମହିଳା ଦଳକୁ ଆସୋସିଏଶନ ପକ୍ଷରୁ ୧୦ ହଜାର ଟଙ୍କା ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଛି।

ଟୁର୍ନାମେଣ୍ଟ ପାଇଁ ଯାଜପୁର ଜିଲାରୁ ପୁରୁଷ ଓ ମହିଳା କବାଡ଼ି ଦଳ ସୁନ୍ଦରଗଡ ଯାଇଥିଲେ। ମ୍ୟାଚ୍‌ଗୁଡିକୁ ଲିଗ୍ କମ୍ ନକଆଉଟ୍ ଆଧାରରେ ପରିଚାଳନା କରାଯାଇଥିଲା। ମହିଳାଦଳ ନିଜ ପୁଲ୍‌ରେ ଉନ୍ନତ ଖେଳ ପଦର୍ଶନକରି ନକଆଉଟ ପର୍ଯ୍ୟାୟକୁ ମନୋନୀତ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ଯାଜପୁର ଦଳ ଶକ୍ତିଶାଳୀ କଟକକୁ ପରାସ୍ତ କରି ସେମିଫାନାଲକୁ ଉନ୍ନୀତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚ୍‌ରେ ଏହି ଦଳ ଚଳିତବର୍ଷର ଚମ୍ପିୟନ ଇଷ୍ଟକୋଷ୍ଟ ରେଲୱେଠାରୁ ପରାଜୟବରଣ କରିଥିଲା। ସେମିଫାଇନାଲରୁ ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ମହିଳା ଦଳ ବାଦ୍ ପଡ଼ିଥିଲେ। ଯାଜପୁର ଦଳର ଉନ୍ନତ ଖେଳ ଓ ବିଭିନ୍ନ ମ୍ୟାଚ ପ୍ରଦର୍ଶନକୁ ଗଣନା କରି ତୃତୀୟ ସ୍ଥାନର ମାନ୍ୟତା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ଯାଜପୁର ସମେତ ୧୮ଟି ଜିଲାରୁ ମହିଳା କବାଡି ଦଳ ଅଂଶ ଗ୍ରହଣ କରିଥିଲେ। ତେବେ ଯାଜପୁର ପୁରୁଷ କବାଡି ଦଳର ପ୍ରଦର୍ଶନ ସନ୍ତୋଷଜନକ ହୋଇପାରି ନ ଥିଲା। ଦଳ ପ୍ରି-କ୍ୱାର୍ଟରରୁ ବାଦ୍ ପଡ଼ିଥିଲା।

## କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

**ଧର୍ମଶାଳା/ ଚଢ଼େଇଧରା,୨।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ମହାବୀର କ୍ଲବ କ୍ରିକେଟ ପଡ଼ିଆଠାରେ କଳ୍ପତରୁ ଦାସ ମେମୋରିଆଲ (କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେଡିଏମ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ୧୨ନଂ. ଜିଲା ପରିଷଦ ସଦସ୍ୟା ପ୍ରଣତୀ ଲେଙ୍କା, ୧୧ ନଂ. ଜୋନ୍ ସଦସ୍ୟା ସୁରେଖା ନାୟକ, ୧୪ ନଂ. ଜୋନ ସଦସ୍ୟା ମମତା ଦଣ୍ଡପାଟ, ୧୩ ନଂ. ନିରଞ୍ଜନ ରାଉତ, ଯୁବନେତା ପ୍ରହଲ୍ଲାଦ ଲେଙ୍କା, ମହୀଶରା ସରପଞ୍ଚ ଚକ୍ରଧର ବେହେରା, ଜଗଦୀଶ ଜେନାମଣି, ସାମାଜିକ କର୍ମୀ କାମାକ୍ଷାପ୍ରସାଦ ନାୟକ, ମନ୍ମଥ ପରିଡ଼ା ଓ ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍ ଅଣ୍ଟିଆ ଓ ଜେନାପୁର ପଞ୍ଚାୟତ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚ୍‌ରେ ଜେନାପୁର ପଞ୍ଚାୟତ ଟିମ୍ ଅଣ୍ଟିଆ ପଞ୍ଚାୟତ ଟିମ୍‌କୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ଅଣ୍ଟିଆ ଟସ୍ ଜିତି ବ୍ୟାଟିଂ କରି ୮ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଣେଶ୍ୱର ସାହୁ ୧୮ ବଲ ଖେଳି ୩୫ ରନ କରିଥିବାବେଳେ ମଦନ ଦଳାଇ ୨୦ ବଲରେ ୨୪ ରନ କରିଥିଲେ। ପ୍ରତିପକ୍ଷ ଜେନାପୁରର ରଞ୍ଜିତ ବରାଳ ୩ ଓଭର ବୋଲିଂ କରି ୨୪ ରନଦେଇ ୨ ଉଇକେଟ ନେଇଥିଲେ। ଜେନାପୁର ପଞ୍ଚାୟତ ଟିମ୍ ୪ ଉଇକେଟ ବିନିମୟରେ ୧୬୭ ରନ କରି ବିଜୟୀ ହୋଇଥିଲା। ମ୍ୟାଚକୁ ଇନ୍ତେକାବ ଆଲାମ ଓ ଉତ୍ତମ ସାମଲ ପରିଚାଳନା କରିଥିଲେ। ଅମିୟ ପରିଡ଼ା ଓ ଦେବରାଜ ମିଶ୍ର ଖେଳର ଧାରା ବିବରଣୀ ଦେଇଥିଲେ। ମହାବୀର କ୍ଲବ ସଦସ୍ୟମାନେ ଏହି ଟୁର୍ନାମେଣ୍ଟରେ ସହାୟତା କରିଥିଲେ। ଶୁକ୍ରବାର ତରଞ୍ଜିଆ ପଞ୍ଚାୟତ ଟିମ ସହିତ ସାହାଣୀଡ଼ିହ ଟିମ ଏବଂ ମହୀଶରା ଓ ପୁରୁଣାବଉଳମାଳ ପଞ୍ଚାୟତ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ପ୍ରେମ ବିବାହ ପରେ ପ୍ରତାରଣା, ସ୍ୱାମୀ ଗିରଫ

**ଚଣ୍ଡିଖୋଲ,୨।୧୨(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ମହୀପୁର ଗ୍ରାମର ଜଣେ ଯୁବତୀ ପ୍ରେମବିବାହ ପରେ ପ୍ରତାରଣାର ଶିକାର ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗ ଗ୍ରାମର କାହ୍ନା ନାୟକ (୨୨)। ପୋଲିସ ସୂଚନା ଅନୁଯାୟୀ, କାହ୍ନା ତାମିଲନାଡୁରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ମହୀପୁର ଗ୍ରାମର ଜଣେ ଯୁବତୀଙ୍କ ସହ ସୋସିଆଲ୍ ମିଡିଆ ମାଧ୍ୟମରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଫଳରେ ଯୁବକ ଜଣକ ତାମିଲନାଡୁରୁ ପ୍ରେମିକାର ଗ୍ରାମକୁ ଆସି ସେଠାରେ ବିବାହ କରିଥିଲେ। ବିବାହର ମାତ୍ର ୨୨ ଦିନ ପରେ ଅର୍ଥାତ୍ ନଭେମ୍ବର ୨୦ ତାରିଖରେ କାହ୍ନା ସ୍ତ୍ରୀଙ୍କୁ ସାଙ୍ଗରେ ଧରି ମହୀପୁର ଗ୍ରାମରୁ ନିଜ ଗ୍ରାମ କୁଲାଙ୍ଗକୁ ବାହାରିଥିଲେ। ମାତ୍ର କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ପାଣି ଆଣିବା ବାହାନାରେ ସ୍ତ୍ରୀଙ୍କୁ ଛାଡ଼ିଦେଇ କାହ୍ନା ଫେରାର ହୋଇଯାଇଥିଲେ। ଏନେଇ କାହ୍ନାଙ୍କ ଶ୍ୱଶୁର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଗତ ୧ ତାରିଖରେ ଏସ୍ଆଇ ମନୋରଞ୍ଜନ ସେଠୀ ସଦଳବଳ କୁଲାଙ୍ଗ ଗ୍ରାମରେ ଚଢ଼ାଉ କରି କାହ୍ନାକୁ ଗିରଫ କରିଥିଲେ।

### ବିଦ୍ୟାଳୟରେ ସୁରକ୍ଷା, ନିରାପତ୍ତା ଉପରେ ଗୁରୁତ୍ୱ


ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଡେରାବିଶ,୨।୧୨(ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ ଫକୀରାବାଦ ରାମଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ସୁରକ୍ଷା ଓ ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାମଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଓ ସୁଦର୍ଶନ ନୋଡ଼ାଲ ଉଚ୍ଚବିଦ୍ୟାଳୟ ସାଧନକେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ପରିଚାଳନା କମିଟି ସଭାନେତ୍ରୀ ସଂଯୁକ୍ତା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଡେରାବିଶ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, କେନ୍ଦ୍ରାପଡ଼ା ଏଆରଟିଓ ଦେବାଶିଷ ନାୟକ ଓ କାଉନ୍ସେଲର ଭାବେ ଶିଶୁ ସୁରକ୍ଷା ଅଧିକାରୀ କନକଲତା ବେହେରା, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ଶିକ୍ଷାଧିକାରୀ ନରହରି ସୂତାର,ବିପିନ ବିହାରୀ ସିଂ ପ୍ରମୁଖ ଯୋଗଦେଇ ଅଂଶୁଘାତ, ବଜ୍ରପାତ ଓ ବିଦ୍ୟୁତ୍ ସରବରାହ ଆଦି ସମୟରେ ନିଜକୁ କିପରି ସୁରକ୍ଷିତ ଓ ନିରାପତ୍ତାରେ ରଖିପାରିବା ସେ ସମ୍ପର୍କରେ ସଚେତନ କରାଇଥିଲେ । ଏହି ଶିବିରରେ ଉପରୋକ୍ତ ଦୁଇ ସାଧନକେନ୍ଦ୍ରର ୭୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗଦେଇଥିଲେ।

### ଓଏସ୍ଇଏଫ୍‌ଡି ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୨।୧୨(ଡି.ଏନ.ଏ.)**

ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ୍ ଫର୍ ଦିବ୍ୟାଙ୍ଗ (ଓଏସ୍ଇଏଫ୍‌ଡି) ସଂଘ ପକ୍ଷରୁ ଗୁରୁବାର ଭିନ୍ନକ୍ଷମ ଦିବସ ପାଇଁ ଏକ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭିନ୍ନକ୍ଷମମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ତାହା ସଂଘର ମୂଳ ଉଦ୍ଦେଶ୍ୟ। ତେବେ ଭିନ୍ନକ୍ଷମ ପିଲାଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ନିର୍ଦ୍ଦେଶକୁ ତୁରନ୍ତ ଲାଗୁ କରିବା ପାଇଁ ଯାଜପୁର ଜିଲାପାଳଙ୍କ ଜରିଆରେ ସଂଘ ପକ୍ଷରୁ ମୁଖ୍ୟଶାସନ ସଚିବ, ଜିଲା ସମାଜ ସୁରକ୍ଷା ଅଧିକାରୀ ଓ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘ ସଭାପତି ସୂର୍ଯ୍ୟକାନ୍ତ ବେହେରା, ସମ୍ପାଦକ ଜୀବନ କୁମାର ବେହେରା, ସୁବାଶିଷ ସାମଲ, ସ୍ୱସ୍ତିକ ସାହୁ, ଅର୍ପିତା ଜେନା, ଶିବାନୀ ନାୟକ, ପ୍ରତାପ ମଲ୍ଲିକ, ରଞ୍ଜିତା ସାହୁ ଓ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ୪୫ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

**ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ବୈଠକ**

- ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, କଲ୍ୟାଣ ମଣ୍ଡପ ଖୋଲା ରହିବ
- ସଦର ମହକୁମା ଛାଡ଼ିପାରିବେନି ଅଧିକାରୀ, କର୍ମଚାରୀ
- ଫାଷ୍ଟଏଡ୍, ଗୋଖାଦ୍ୟ, ପଲିଥିନ୍, ଚୁଡ଼ା, ଗୁଡ଼ ମହଜୁଦ ପାଇଁ ନିର୍ଦ୍ଦେଶ

**ଜଗତ୍‌ସିଂହପୁର ଅଫିସ, ୨।୧୨**

ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲ ପାଇଁ ଜିଲାର ୪୫ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ସମେତ ସ୍କୁଲ ଗୃହ, ଅଙ୍ଗନୱାଡି ଗୃହ, କଲ୍ୟାଣ ମଣ୍ଡପ ଆଦି ପ୍ରସ୍ତୁତ ରଖିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ତଳୁଆ ଅଞ୍ଚଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର କରାଯିବ। ଗର୍ଭବତୀ, ଶିଶୁ, ଦିବ୍ୟାଙ୍ଗ ଓ ବୃଦ୍ଧଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଏନେଇ ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ଜିଲାପାଳ ପାରୁଲ ପାଟୱାରି ପୌରୋହିତ୍ୟ କରି ଏହା କହିଛନ୍ତି। ସେ ଉପସ୍ଥିତ ଅଧିକାରୀମାନଙ୍କୁ ପ୍ରତ୍ୟେକ ଆଶ୍ରୟସ୍ଥଳରେ ବିଦ୍ୟୁତ୍, ପାନୀୟ ଜଳ ସୁବ୍ୟବସ୍ଥିତ କରିବା ଓ ସେଠାକାର ଶୌଚାଳୟକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଛ କଟା ମେଶିନ, ଜେସିବି, ଜେନେରେଟର ଓ ଟ୍ରାକ୍ଟର ବ୍ୟବସ୍ଥା କରିବାକୁ କହିଥିଲେ। ଡ୍ରେନେଜ୍ ବିଭାଗ ଡ୍ରେନ୍ ସଫା କରିବ। ଏଥିସହ ଚାଉଳ, ଗୁଡ଼, କିରୋସିନ ଓ ଚୁଡା ଯଥେଷ୍ଟ ପରିମାଣରେ ମହଜୁଦ ରଖାଯିବ। ପ୍ରତ୍ୟେକ ଆଶ୍ରୟସ୍ଥଳରେ ଫାଷ୍ଟ ଏଡ୍ ସହ ଆବଶ୍ୟକ ଔଷଧ ମହଜୁଦ ରହିବ। ଗୋରୁଙ୍କ ପାଇଁ ଗୋଖାଦ୍ୟ, ମେଡିସିନ୍ ପ୍ରସ୍ତୁତ ରଖିବା ପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବ। ତହସିଲଦାର ଯଥେଷ୍ଟ ପରିମାଣର ପଲିଥିନ ମହଜୁଦ ରଖିବେ। କୌଣସି ଅଧିକାରୀ ଓ କର୍ମଚାରୀ ସଦର ମହକୁମା ଛାଡି ଅନ୍ୟତ୍ର ଯାଇପାରିବେ ନାହିଁ। ସ୍ଥାନାନ୍ତରିତ ଲୋକଙ୍କୁ ଶୁଖିଲା ଖାଦ୍ୟ ସହ ଆବଶ୍ୟକସ୍ଥଳେ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ଏଥିସହ ଶିଶୁଙ୍କୁ ଛତୁଆ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ଜରୁରୀ ଅଧିକାରିଣୀ ଯଶସ୍ୱିନୀ ପୋଥାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଯୋଗଦେଇଥିଲେ।


ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଡିସେମ୍ବର, ୨୦୨୧



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଯୁବକ ମୃତ

**ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବଚୌଧୁରୀ ପାଟଣା ଗ୍ରାମର ନିର୍ମଳ ସାହୁ(୩୫)ଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । କଂସା ପିତଳ କାରିଗର ମଧୁସୁଦନ ସାହୁ ପରିବାର ପ୍ରତିପୋଷଣ ପାଇଁ ବଲାଙ୍ଗୀର ଚଟିଆପାଲ୍ଲୀ ଗ୍ରାମରେ ରହୁଛନ୍ତି । ବୁଧବାର ରାତିରେ ତାଙ୍କ ପୁଅ ନିର୍ମଳ କୌଣସି କାମରେ ମୋଟର ସାଇକେଲରେ ଯାଉଥିବା ବେଳେ ବଲାଙ୍ଗୀର ଦୁର୍ଗା ମନ୍ଦିର ନିକଟରେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ନିର୍ମଳଙ୍କ ମୃତ୍ୟୁ ଘଟିଛି ।

### ବିବାହ ପୂର୍ବରୁ ନାବାଳିକା ଉଦ୍ଧାର

**ନୟାଗଡ ଅଫିସ,୨।୧୨:** ବାଲ୍ୟ ବିବାହ ରୋକିବାକୁ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଥିଲେ ମଧ୍ୟ ତାହାର ସୁଫଳ ମିଳିଲା ପରି ଜଣାପଡୁନି। ବେରୁଆଁବାରୀ ଗାଁର ଜଣେ ନାବାଳିକାଙ୍କର ବିବାହ ପୂର୍ବରୁ ଚାଇଲ୍ଡ ଲାଇନ ଓ ନୂଆଗାଁ ବ୍ଲକ ସିଡିପିଓ ଉଦ୍ଧାର କରିଛନ୍ତି। ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ସିଡବ୍ଲ୍ୟୁସିର ନିର୍ଦ୍ଦେଶ ଅନୁସାରେ ୱାନ୍‌ଷ୍ଟପ ସେଣ୍ଟରରେ ତାଙ୍କୁ ରଖାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ବାଣ୍ଠପୁର ପଞ୍ଚାୟତ ପୋଡାସାହି ଗାଁର ଜିତେନ୍ଦ୍ର ସାହୁ (୨୫)ଙ୍କୁ ଗୁରୁବାର ବିବାହ କରିବାର ଥିଲା। ତୋଳାକନ୍ୟା କରି ପୋଡାସାହିକୁ ପଠାଇବାର ବ୍ୟବସ୍ଥା ହେଉଥିଲା। ପୁଅ ଘର ପକ୍ଷର ଲୋକମାନେ ଆସି ପହଞ୍ଚି ଯାଇଥିଲେ। ଏପରି ସମୟରେ ପୁଅ ଘର ଲୋକ ଫେରାର ହୋଇ ଯାଇଥିଲେ। ଚାଇଲ୍ଡ ଲାଇନ ସ୍ଥାନୀୟ ପୋଲିସ ସହାୟତାରେ ନାବାଳିକାଙ୍କ ବିବାହ ବନ୍ଦ କରାଇଥିଲା। ଏପରି କି ବାହାଡାଝୋଲା ଫାଣ୍ଡିରେ ନାବଳିକା ବିବାହ ନେଇ ଏକ ଷ୍ଟେଶନ ଡାଏରୀ କରିଛି।

### କୋଭିଡ୍ ନିୟମ ଉଲ୍ଲଂଘନ, ହୋଟେଲ ସିଲ୍

**ଗୋପାଳପୁର,୨।୧୨(ଡି.ଏନ.ଏ.):** ଗୋପାଳପୁର ବେଳାଭୂମିସ୍ଥିତ ଏକ ହୋଟେଲରେ ବୁଧବାର ରାତିରେ ବିବାହ ଭୋଜି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ହୋଟେଲକୁ ସିଲ କରାଯାଇଛି। ଏଥିସହ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଗୋପାଳପୁର କଂଗ୍ରେସର ପୂର୍ବତନ ବିଧାୟକଙ୍କ ସମ୍ପର୍କୀୟଙ୍କ ବିବାହ ଭୋଜି ଉକ୍ତ ହେଟେଲରେ ଚାଲିଥିଲା। ସେଠାରେ ସାମାଜିକ ଦୂରତା ରକ୍ଷା ହେଉ ନଥିବା ବେଳେ ମାସ୍କ ନ ପିନ୍ଧି ଲୋକେ ଭିଡ଼ ଜମାଇଥିଲେ। ସେ ସମୟରେ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କର୍ତ୍ତିୱାସନ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପ୍ରଭାକର କୁଜୁର ଆସିଥିବା ବେଳେ ଖବରପାଇ ଉକ୍ତ ହୋଟେଲ ଯାଇଥିଲେ। ସେଠାରେ କୋଭିଡ ନିୟମ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ଭୋଜି ଆୟୋଜନକାରୀଙ୍କୁ ଏନଏସି ପକ୍ଷରୁ ତାଗିଦ୍ କରାଯିବା ସହ ଜରିମାନା ଏବଂ ବିନା ଅନୁମତିରେ ଡିଜେ ବଜାଉଥିବା ଲୋକଙ୍କୁ ମଧ ଜରିମାନା ପକାଯାଇଥିଲା।

# ଆନ୍ଦୋଳନ ଭୟରେ ଚଢ଼ାଉ

**ନୟାଗଡ଼ ଅଫିସ,୨।୧୨**

- ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ
- ବେଆଇନ ଭାବେ ଚାଲିଛି ଖଣି ଖନନ

ରଣପୁର ତହସିଲ କୋଇଲିମା ଓ ଲେଖନପୁର ଅଞ୍ଚଳର ପଥର ଖଣି ଉପରେ ମଙ୍ଗଳବାର ଅଚାନକ ଚଢ଼ାଉ କରାଯାଇଥିଲା । ଏହି ଘଟଣାରେ ୧୬ଜଣଙ୍କୁ ଗିରଫ କରାଯାଇଛି । ହେଲେ ଏହି ଚଢ଼ାଉ ଓ ଗିରଫଦାରିକୁ କେତେଜଣ ନିଲାମଧାରୀ ବିରୋଧ କରିବାରୁ ପ୍ରଶାସନର ଧରପଗଡ଼ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନୟାଗଡ଼ ଜିଲାରେ ଲିଜ୍ ଦିଆଯାଇଥିବା ୧୫ଟି କଳାମୁଗୁନି ପଥର ଖଣି ମଧ୍ୟରୁ ୪ଟି ରଣପୁର ତହସିଲ ଅଧୀନ ସୁନାଖଳା ଅଞ୍ଚଳରେ ଅଛି। ଅନ୍ୟପକ୍ଷେ କୋଟଗଡ଼ ଗୁମ୍ଫା ପାଖରେ ୨ଟି, ପୋଇଲିମା ପୂର୍ବରୁ ଖିଲାମୁଣ୍ଡା ପାଖରେ ୩ଟି, କୋଇଲିମାରେ ୨ଟି ଏପରି ମୋଟ ୧୧ଟି ଖଣି ଚାଲିଛି । କେଉଁ ଖଣି ନିଲାମ ହୋଇଛି ଓ ହୋଇନାହିଁ ତାହା ସାଧାରଣ ଲୋକ ଜାଣିନାହାନ୍ତି। କାରଣ ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ଉପରୋକ୍ତ ଖଣି ଖନନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ବେଆଇନ ଖଣି ଉପରେ ପ୍ରଶାସନର ଲଗାମ ରହୁନାହିଁ । ଏଣୁ ପାହାଡ଼କୁ ସୁରକ୍ଷା ଦାବିରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର କୋଇଲିମା ଓ ଲେଖନପୁର ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ଉପରେ ପୋଲିସ ଓ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୧୬ଜଣଙ୍କୁ ଗିରଫ କରାଯାଇଛି । ଘଟଣାସ୍ଥଳରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ ସହ ୭ ଟ୍ରାକ୍ଟର, ୧କମ୍ପ୍ରେସର, ୧ ମଲ୍ଟି କମ୍ପ୍ରେସର, ୫୭୧ ଡିଟୋନେଟର, ୧୮୭୧ଟି ବ୍ଲାଷ୍ଟିଂ ଉପକରଣ ଜବତ ହୋଇଛି । ପୁଣି ୩ ନିଲାମଧାରୀଙ୍କ ନାମରେ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ରଣପୁର ତହସିଲର କୋଟଗଡ଼ଠାରେ ୨ଟି, ଛାଞ୍ଚୁଣିଆ ଓ ଛପାରି କୋଇଲିମାଠାରେ ମୋଟ୍ ୪ଟି କଳାମୁଗୁନି ପଥର ଖଣି ଲିଜ୍ ଦିଆଯାଇଛି । ହେଲେ ଲିଜ୍ ପାଇଥିବା ଅନେକ ଖଣିରେ ବେଆଇନ କାର୍ଯ୍ୟ ଚାଲିଛି। ସେଥିରେ ଲଗାମ ନ ଥିବା ଅଭିଯୋଗ ହୋଇଆସୁଛି । ନିଲାମଧାରୀମାନେ ଲିଜ୍ ପରିସୀମା ଛାଡି ଅନ୍ୟତ୍ର ଖଣି ଖନନ କରୁଛନ୍ତି । ପୁଣି ବାର୍ଷିକ ଟାର୍ଗେଟ୍ କ୍ୟୁବିକ ମିଟରକୁ ମାସକରେ ଶେଷ କରିଦେଉଥିବା ଅଭିଯୋଗ ହୋଇଛି। ୩ ମାସରେ ଥରେ ମାପ କରି ନିଲାମ ଖଣିକୁ ତଦାରଖ କରାଯିବାର ନିୟମ ରହିଛି । ହେଲେ ବିଭାଗୀୟ ଅଧିକାରୀମାନେ ମାପଚୁପ ଓ ଧରପଗଡ଼ କରୁନାହାନ୍ତି । ବରଂ ଲିଜ୍‌ଧାରୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଥିବାରୁ ଲିଜ୍ ପରିସୀମାକୁ ଉଲ୍ଲଂଘନ କରାଯାଇ ଖନନ ଚାଲିଛି। ସରକାରୀ ଭାବେ ବ୍ଲାଷ୍ଟିଂକୁ ଉପରେ ରୋକ୍ ଲାଗିଛି । ହେଲେ ସବୁ ଖଣିରେ ବ୍ଲାଷ୍ଟିଂ ଚାଲିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

## ୬ ପଞ୍ଚାୟତବାସୀଙ୍କ ୩ଘଣ୍ଟା ରାସ୍ତାରୋକୋ

**ରଣପୁର,୨।୧୨(ସ୍ୱ.ପ୍ର.)**



୬ ପଞ୍ଚାୟତବାସୀ ରାସ୍ତା ଅବରୋଧ କରିଛନ୍ତି ।

ନୟାଗଡ଼ ଜିଲା ରଣପୁର ଅଞ୍ଚଳ ଖଣି ଖାଦାନରେ ଭରପୁର । କେତେଜଣ ଅସାଧୁ ଖଣି ମାଫିଆ ଏହାର ଫାଇଦା ନେଉଛନ୍ତି । ଏହାକୁ ବିରୋଧ କରି ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଗୁରୁବାର କୋଇଲମା ଛକଠାରେ ଲୋଧାଚୁଆ,ବୃନ୍ଦାବନପୁର, ପିମ୍ପଲ, ଖାଇରପଲ୍ଲୀ, ତାଳକଣି ଓ କୁଲାସର ଆଦି ୬ ପଞ୍ଚାୟତବାସୀ ରାସ୍ତାରୋକୋ କରିଥିଲେ । ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା । ଫଳରେ ସୁନାଖଳା-ଚାନ୍ଦପୁର ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା ।

ଖବର ପାଇ ଉପଜିଲାପାଳ ଲମ୍ବଜିତ ରାଉତ,ରଣପୁର ତହସିଲଦାର ଯୁଗଳ ମିଶ୍ର ପୋଲିସ ଟିମ୍ ସହ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ବେଆଇନ ଖଣି,ବ୍ଲାଷ୍ଟିଂ ଓ କ୍ରସର ବନ୍ଦ ସହ ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବ୍ଲାଷ୍ଟିଂ ଯୋଗୁ କ୍ଷତିଗ୍ରସ୍ତ ଘର ଓ ଜମି ପାଇଁ କ୍ଷତିପୂରଣ ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ଉପଜିଲାପାଳ ଦେବାପରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଶରତ କୁମାର ମହାପାତ୍ର ଆନ୍ଦୋଳନ ପ୍ରତ୍ୟାହାର ଘୋଷଣା କରିଥିଲେ । ଏହି ଆନ୍ଦୋଳନରେ ସୁରେଶ ସ୍ୱାଇଁ,ଭିକାରୀ ସାହୁ, କଂଗ୍ରେସ ନେତା ସତ୍ୟବ୍ରତ ନାୟକ, ସହଦେବ ସାହୁ, କୈଳାସ ସାହୁ, ମହାଦେବ ମହାରଣା, ଟିକନ ପ୍ରଧାନ, ମୀନ ନାୟକ, କେଶବ ସାହୁ, ଗୋପାଳ ଖୁଣ୍ଟିଆ,ଧନେଶ୍ୱର ବରାଡ଼, ପ୍ରକାଶ ଲେଙ୍କା, କିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

ଏପରି ଖଣି ଖନନରେ ଅତିଷ୍ଠ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି । ସୁନାଖଳା ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ଖନନକୁ ରୋକିବାକୁ ଗତ ୮ ତାରିଖରେ ୬ଟି ପଞ୍ଚାୟତର ଜନସାଧାରଣ ରଣପୁର ତହସିଲ ଘେରାଉ କରିଥିଲେ । ଗୁରୁବାର ବି କୋଇଲିମାବାସୀ ରାସ୍ତା ଅବରୋଧ କରିଛନ୍ତି । ଏହା ପ୍ରଶାସନକୁ ଚିନ୍ତାରେ ପକାଇଛି । ଫଳରେ ପ୍ରଶାସନିକ ଅଧିକାରୀମାନେ ନିଜ ନିକମାପଣକୁ ଲୁଚାଇବା ପାଇଁ ଆଗତୁରା ଚଢ଼ାଉ କରିଛନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଅନ୍ୟପକ୍ଷେ ଏହି ଲୋକଦେଖାଣିଆ ଚଢ଼ାଉକୁ ଖଣି ମାଲିକ ବରଦାସ୍ତ କରିବାକୁ ପ୍ରସ୍ତୁତ ନାହାନ୍ତି । ସେମାନେ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଣେ ଖଣି କର୍ମଚାରୀ କହିଛନ୍ତି, ପ୍ରଶାସନ ପକ୍ଷରୁ ଚଢ଼ାଉ ପରେ ଯେଉଁ ତଥ୍ୟ ଦିଆଯାଉଛି ତାହା ସତ ନୁହେଁ । ଗିରଫ ୧୬ ଜଣ ନିଜ ନିଜ ଅସ୍ଥାୟୀ ଘରେ ଥିଲେ । ପୁଣି ଜବତ ଉପକରଣ ଘରେ ଥିଲା । ଯଦି ଲୋକଙ୍କ ଆନ୍ଦୋଳନକୁ ଭୟ କରି ପ୍ରଶାସନ ତା' ଆଗରୁ ଏହି ଚଢ଼ାଉ କରିଛି ତେବେ ଖଣି ନିଲାମ ଦେବାର ନ ଥିଲା । ନିଲାମ ଦେଇ ଖଣିରେ ଚଢ଼ାଉ କରାଯିବା ଓ ଗିରଫଦାରି ଠିକ୍ ନୁହେଁ । ଏନେଇ ତହସିଲଦାର ଯୁଗଳ ମିଶ୍ର କହିଛନ୍ତି, ପ୍ରଶାସନ ପକ୍ଷରୁ ଧରପଗଡ଼ ଜାରି ରହିଛି। ଆଗକୁ ଏହା ବଢ଼ିବ । ବେଆଇନ ଖଣି ଖନନ କରୁଥିଲେ ସେମାନଙ୍କୁ ଅନୁକମ୍ପା ଦେଖାଇବାର ପ୍ରଶ୍ନ ଉଠୁନି ।

## ଅର୍ଥାଭାବ ଯୋଗୁ ଚିକିତ୍ସା ବନ୍ଦ

**ନୟାଗଡ଼ ଅଫିସ,୨।୧୨**

- ରୋଗ ସହ ସଂଗ୍ରାମ କରୁଛନ୍ତି କିଡ୍‌ନୀ ରୋଗୀ
- ଉଚ୍ଚତର ଚିକିତ୍ସା ପାଇଁ ଦରକାର ୧୦ ଲକ୍ଷ ଟଙ୍କା
- ଚିନ୍ତାରେ ମା'ବାପା


ସୂର୍ଯ୍ୟକାନ୍ତ ପ୍ରଧାନ

ନୟାଗଡ଼ ଜିଲା ରଣପୁର ବ୍ଲକ କାସନ୍ଦା ଗାଁର ସୂର୍ଯ୍ୟକାନ୍ତ ପ୍ରଧାନ । ବୟସ ୨୫ ବର୍ଷ । ଡାକ୍ତରୀ ରିପୋର୍ଟ ଅନୁସାରେ ତାଙ୍କର ଦୁଇଟି କିଡ୍‌ନୀ ସ୍ୱାଭାବିକ ଭାବେ କାମ କରୁନାହିଁ । ଏଥିପାଇଁ ଉଚ୍ଚତର ଚିକିତ୍ସା ଦରକାର । ଆବଶ୍ୟକ ପଡିଲେ କିଡ୍‌ନୀ ପରିବର୍ତ୍ତନ କରିବାକୁ ପଡିବ । ଏଥିପାଇଁ ୧୦ ଲକ୍ଷ ଟଙ୍କା ଦରକାର। ହେଲେ ଆର୍ଥିକ ଅନଟନ ଯୋଗୁ ସୂର୍ଯ୍ୟକାନ୍ତଙ୍କ ଉଚ୍ଚତର ଚିକିତ୍ସା ଏକ ପ୍ରକାର ବନ୍ଦ ରହିଛି । ପରିବାର ଲୋକେ ଧାରଉଧାର କରି ସୂର୍ଯ୍ୟଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପ୍ରତି ସପ୍ତାହରେ ଡାଏଲେସିସ୍ ଚାଲିଛି । ଏପରି ପରିସ୍ଥିତିରେ ପୁଅର ଚିକିତ୍ସା ପାଇଁ ତାଙ୍କ ମା'ବାପା ସରକାରୀ, ବେସରକାରୀ ସହାୟତାକୁ ଚାହିଁ ରହିଛନ୍ତି ।

ସୂର୍ଯ୍ୟଙ୍କ ୩ ଭାଇ । ବଡ ଭାଇ ବିବାହ ପରେ ଅନ୍ୟତ୍ର ରହୁଛନ୍ତି । ମଝିଆ ଭାଇଙ୍କ ଦୀର୍ଘଦିନରୁ ପତ୍ତା ମିଳୁନାହିଁ । ଏଭଳିସ୍ଥଳେ ସୂର୍ଯ୍ୟ ସେହି ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ । ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସୂର୍ଯ୍ୟ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି ରୋଗୀମାନଙ୍କ ସେବା କରୁଥିଲେ । ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ଚଳୁଥିଲା । ଏବେ ସେ ସେହି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପୁଅଙ୍କୁ ଭଲ କରିବା ପାଇଁ ମା'ବାପାଙ୍କ ପାଖରେ ଅର୍ଥ ନାହିଁ । ଧାର କରଜ କରି ଚିକିତ୍ସା ଚାଲିଛି । ବାପା ପୁଅକୁ ଗୋଟିଏ କିଡ୍‌ନୀ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତେବେ ଏଥିପାଇଁ ହେବାକୁ ଥିବା ଅପରେଶନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୧୦ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତରମାନେ କହିଛନ୍ତି। ଏଣୁ ସହାୟତା ପ୍ରଦାନ ପାଇଁ ଫୋନ ନଂ.୭୬୦୫୯୦୧୩୦୬ରେ ଯୋଗାଯୋଗ କରିବାକୁ ସୂର୍ଯ୍ୟଙ୍କ ବାପା ଅନୁରୋଧ କରିଛନ୍ତି ।

## ଅଙ୍ଗନୱାଡି କର୍ମୀଙ୍କ ଶୋଭାଯାତ୍ରା, ବିଡିଓଙ୍କୁ ଦାବିପତ୍ର ପ୍ରଦାନ


ଅଙ୍ଗନୱାଡି କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଦଶପଲ୍ଲା,୨।୧୨(ଡି.ଏନ.ଏ.)**

ଗୁରୁବାର ଦଶପଲ୍ଲା ଅଙ୍ଗନୱାଡି କର୍ମଚାରୀ ସଂଘ ତରଫରୁ ବିଭିନ୍ନ ଦାବି ନେଇ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ପ୍ରଥମେ ଡାକ୍ତରଖାନା ନିକଟସ୍ଥ ଗାନ୍ଧୀ ମଇଦାନରେ ସମବେତ ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ୧୩ ଦାବି ମଧ୍ୟରୁ ମିନି ଅଙ୍ଗନୱାଡି କର୍ମୀଙ୍କୁ ସର୍ବନିମ୍ନ ୧୮ହଜାର, ସହାୟିକାମାନଙ୍କୁ ୯ହଜାର ଟଙ୍କା ପ୍ରଦାନ ଓ ୨୦୧୯ ମାର୍ଚ୍ଚ ମାସରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ପ୍ରଦାନ, କର୍ମୀ ଏବଂ ସହାୟିକାମାନଙ୍କ EPFO/ESIC, ପେନସନ, ମେଡିକାଲ ସୁବିଧା ଓ ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଭାରତୀୟ ମଜଦୁର ସଂଘର ନୟାଗଡ଼ ଜିଲା ସଭାପତି ସୁକାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଭା ଓ ଶୋଭାଯାତ୍ରାରେ ସଭାନେତ୍ରୀ ବିନୋଦିନୀ ଦେଇ, ସମ୍ପାଦିକା ଭାନୁମତୀ ପ୍ରଧାନ, ଉପସଭାନେତ୍ରୀ ସବିତା ଦାଶ, କୋଷାଧକ୍ଷ ମଞ୍ଜୁଲତା ସାହୁ, ମଜଦୁର ସଂଘ ଦଶପଲ୍ଲା ବ୍ଲକ ସମ୍ପାଦକ ଶରତ ବେହେରା ସମେତ ବହୁ କର୍ମୀ ଅଂଶ ଗ୍ରହଣ କରିଥିଲେ ।

## ଗଜପତି ଜିଲା: ପ୍ରଶାସନର ତତ୍ପରତା

**ପାରଳାଖେମୁଣ୍ଡି,୨।୧୨(ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ଛୁଟି ଏବଂ ସରକାରୀ ଛୁଟି ବାତିଲ କରାଯାଇଛି। ଏଥିସହ ସମସ୍ତ କର୍ମଚାରୀ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବାତ୍ୟା ମୁକାବିଲା ସମ୍ପର୍କିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଥିବା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତି ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧଙ୍କୁ ସ୍ଥାନାନ୍ତରିତ କରାଯିବ। ଏହା ସହିତ ଜିଲାରେ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯିବ। ଧାନ ଫସଲ ଯେଭଳି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ଶେରଗଡ,୨।୧୨(ଡି.ଏନ.ଏ.)**

ଶେରଗଡ ବ୍ଲକ ଅନ୍ତର୍ଗତ ଠୁରୁବୁରାଇ ଗ୍ରାମରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗଜେନ୍ଦ୍ର ସେଠୀ (୬୦)। ଗଜେନ୍ଦ୍ର ନିଜ ଘରକୁ ଚାଲି ଯାଉଥିବା ବେଳେ ତାଙ୍କୁ ପଛପଟୁ ଆଙ୍କୋରଡାର ଜଣେ ବାଇକ୍ ଆରୋହୀ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଗଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶେରଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ଏ ନେଇ ନଂ. ୨୬୦/୨୧ରେ ମାମଲା ରୁଜୁ କରାଯାଇଛି। ବାଇକ୍ ଆରୋହୀଙ୍କୁ ପୋଲିସ ଅଟକ ରଖି ବାଇକ୍‌କୁ ଜବତ କରିଛି।

## ପୂର୍ବ ଶତ୍ରୁତାରୁ କାତିରେ ଆକ୍ରମଣ

**ପାରଳାଖେମୁଣ୍ଡି,୨।୧୨(ଡି.ଏନ.ଏ.)**

ରାୟଗଡା ବ୍ଲକ ଗଣ୍ଡହାତୀ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତିଙ୍କୁ କାତିରେ ଆକ୍ରମଣ କରାଯାଇଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ଦଳେଇ। ଆହତ ପୂର୍ଣ୍ଣଚନ୍ଦ୍ରଙ୍କୁ ପ୍ରଥମେ ଗାରବନ୍ଧ ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାରବନ୍ଧ ଥାନାରେ ନଂ.୯୬/୨୧ରେ ଏକ ମାମଲା ରୁଜୁ ହୋଇଛି।

## ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ


ଅଧିକାରୀମାନେ ପରିବାର ଲୋକଙ୍କୁ ବୁଝାଶୁଝା କରୁଛନ୍ତି ।

**ନୂଆଗାଁ,୨।୧୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ଚାଇଲଡ଼ ଲାଇନ ଓ ନୂଆଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ମିଳିତ ଉଦ୍ୟମରେ ବୁଧବାର ଏକ ବାଲ୍ୟ ବିବାହକୁ ରୋକା ଯାଇପାରିଛି। ନୂଆଗାଁ ବ୍ଲକ ବେରୁହାଁବାରି ଗ୍ରାମର ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ପରିବାର ଲୋକେ ବିବାହ କରାଇ ଦେବା ପାଇଁ ଯୋଜନା କରିଥିଲେ। ବର ପକ୍ଷ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ବିବାହ କରାଇବା ପାଇଁ ଆସିଥିଲେ। ଖବର ପାଇ ନୟାଗଡ଼ ଚାଇଲଡ଼ ଲାଇନ ସଦସ୍ୟ, ନୂଆଗାଁ ସିଡିପିଓ ଓ ବାହାଡାଝୋଲା ଫାଣ୍ଡି ପୋଲିସ ଝିଅ ଘରେ ପହଞ୍ଚିବା ଦେଖି ବରପକ୍ଷ ସେଠାରୁ ଫେରାର ହୋଇଯାଇଥିଲେ । ନାବାଳିକା ଓ ପରିବାର ଲୋକଙ୍କୁ ବୁଝାସୁଝା କରି ତାଙ୍କୁ ନୟାଗଡ ଶିଶୁ ମଙ୍ଗଳ ସମିତିକୁ ପଠାଇ ଦିଆଯାଇଛି। ଏହି ଚଢାଉରେ ନୟାଗଡ଼ ଚାଇଲଡ଼ ଲାଇନ ସଦସ୍ୟ ଚନ୍ଦ୍ର ଶେଖର ବେହେରା, ସ୍ୱର୍ଣ୍ଣଲତା ଜେନା, ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକ ଉପସ୍ଥିତ ଥିଲେ।

## ନୂଆଗାଁ ହାଇସ୍କୁଲ ସମେତ ୯ ସ୍କୁଲ ହେବ ସ୍ମାର୍ଟ

**ନୂଆଗାଁ,୨।୧୨(ଡି.ଏନ.ଏ.)**

ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି । ସେଥିପାଇଁ ବିଭିନ୍ନ ପୁରାତନ ସ୍କୁଲକୁ ରୂପାନ୍ତରଣ କରିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ଏହି ବ୍ୟବସ୍ଥାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ହେଲେ ସ୍କୁଲଗୁଡ଼ିକର ଭିତ୍ତିଭୂମିକୁ ଦୃଢ଼ କରିବା ଓ ଶିକ୍ଷାଦାନ ପାଇଁ ଆବଶ୍ୟକ ଥିବା ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ଜନଶକ୍ତି ହାଇସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ , ଶ୍ରେଣୀଗୃହ , ପାନୀୟ ଜଳର ଅଭାବ ରହିଛି । ହେଲେ ସେଥିପ୍ରତି ଦୃଷ୍ଟି ଦିଆଯାଇନାହିଁ। ସେହିପରି ନୂଆଗାଁ ବ୍ଲକର ନୂଆଗାଁ ହାଇସ୍କୁଲ, ବକଳବନ୍ଧ ପଞ୍ଚାୟତ ହାଇସ୍କୁଲ, ବାହାଡାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟ, ସମ୍ପଡ଼ା ଚିନ୍ତାମଣୀ ବିଦ୍ୟାପୀଠ, ଜଗନ୍ନାଥପ୍ରସାଦ ହାଇସ୍କୁଲ, ଡିମିରିଝରୀ ଆଞ୍ଚଳିକ ହାଇସ୍କୁଲ, ଗତିକେଶ୍ୱର ହାଇସ୍କୁଲ, ହଜାରୀ ଯୁଜି ହାଇସ୍କୁଲ ସ୍ମାର୍ଟ ହେବା ବୋଲି ଯୋଜନା ରହିଛି ।

ନୂଆଗାଁ ଉଚ୍ଚ ବିଦ୍ୟାଳୟ ବ୍ଲକ ନୋଡାଲ ହାଇସ୍କୁଲ ଭାବେ ମାନ୍ୟତା ପାଇଛି। ହେଲେ ଉକ୍ତ ସ୍କୁଲରେ ଭିତ୍ତିଭୂମିର ଅଭାବ ରହିଛି । ୧୯୬୪ରେ ପ୍ରତିଷ୍ଠିତ ଏହି ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ୩୪୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶ୍ରେଣୀ ଗୃହର ଅଭାବ ଥିବାରୁ ସେକ୍ସନ କରା ନ ଯାଇ ଗୋଟିଏ କୋଠରୀରେ ୯୯ ଛାତ୍ରୀଛାତ୍ର ବସି ଅଧ୍ୟୟନ କରୁଛନ୍ତି। ଷଷ୍ଠ, ସପ୍ତମ,ଅଷ୍ଟମ ଶ୍ରେଣୀ (ଏମ.ଇ. ସ୍କୁଲ) ପିଲାଙ୍କ ପାଇଁ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି । ଫଳରେ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କୁ ପାଠ ପଢାଉଛନ୍ତି । ନୂଆଗାଁରେ ନିଯୁକ୍ତି ପାଇଥିବା ଖେଳ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେଶନରେ ପଠାଯାଇଥିବାରୁ ଖେଳ ପିରିୟଡକୁ ରୁଟିନ୍‌ରୁ ବାଦ୍ ଦିଆଯାଇଛି । ହିନ୍ଦୀ, ଆଇଟି ଏବଂ ଟିଏଚ୍ ଶିକ୍ଷକ ପଦବୀ ଖାଲି ରହିଛି । ଏହି ସ୍କୁଲରେ ୧୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ରହିଥିବା ବେଳେ ଅଛନ୍ତି ୧୨ ଜଣ । ସେହିପରି ପାନୀୟ ଜଳର ଅଭାବରୁ ଖୋଲା କୂଅରୁ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ଛାତ୍ରୀଛାତ୍ର। ତେଣୁ ପୁରାତନ ସ୍କୁଲକୁ ସ୍ମାର୍ଟ କରିବା ପୂର୍ବରୁ ଶ୍ରେଣୀଗୃହ, ଶିକ୍ଷୟିତ୍ରୀ ଶିକ୍ଷକ, ପାନୀୟ ଜଳ ଅଭାବ ସମସ୍ୟା ଦୂର କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ଶାସମଲଙ୍କ ସମେତ ସଭ୍ୟମାନେ ଦାବି କରିଛନ୍ତି । ଏ ବାବଦରେ ନୂଆଗାଁ ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ଆମ ହାତରେ କିଛି ନାହିଁ କହି ସେ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। ଅନ୍ୟପକ୍ଷେ ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚପଦାଧିକାରୀଙ୍କୁ ଅବଗତ କରାଇବୁ ବୋଲି କହିଛନ୍ତି ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ।



ନୂଆଗାଁ ହାଇସ୍କୁଲ ।

